https://ssvmkalamachhuin.in/

# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ଚୟନ ପରୀକ୍ଷା:- ୨୦୨୩-୨୪

**ଶ୍ରେଣୀ - ପଞ୍ଚମ**

ପ୍ରାପ୍ତାଙ୍କ ____________

ସମୟ - ୧ ଘଣ୍ଟା

ପୂର୍ଣ୍ଣସଂଖ୍ୟା - ୨୫

ନାମ - ______________________ ରୋଲ୍ ନଂ. __________

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନାମ - ______________________

କକ୍ଷ ପର୍ଯ୍ୟବେକ୍ଷକଙ୍କ ସ୍ୱାକ୍ଷର ______________

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।** **୧ x ୨୫ = ୨୫**

୧. ୩,୯,୮,୫କୁ ଥରେ ମାତ୍ର ବ୍ୟବହାର କରି କେତୋଟି ସଂଖ୍ୟା ଗଠନ କରାଯାଇପାରେ ? ଉ: __________

୨. ୧୦୦୨୮ ଠାରୁ ୧୯୯୨୭ ପର୍ଯ୍ୟନ୍ତ କେତୋଟି ସଂଖ୍ୟା ଅଛି ? ଉ: __________

୩. ୭୮୯୬ x ୯୯୯୯ = କେତେ ? ଉ: __________

୪. କେଉଁ ସଂଖ୍ୟାରେ ୭ ଯୋଗକରି, ଯୋଗଫଳକୁ ୫ ଦ୍ୱାରା ଭାଗକରି ଭାଗଫଳକୁ ୯ ଦ୍ୱାରା ଗୁଣନ କରି ଗୁଣଫଳରୁ ୯ ବିୟୋଗ କଲେ ବିୟୋଗଫଳ ୨୭ ହେବ ? ଉ: __________

୫. ୨ଟି କାକୁଡ଼ି ଓ ୩ଟି ଆମ୍ବର ମୂଲ୍ୟ ୧୩୦ଟଙ୍କା । ୩ଟି କାକୁଡ଼ି ଓ ୨ଟି ଆମ୍ବର ମୂଲ୍ୟ ୧୨୦ ଟଙ୍କା ହେଲେ ୧ଟି ଆମ୍ବର ମୂଲ୍ୟ କେତେ ? ଉ: __________

୬. ୨୪ଜଣ ବାଳକ ବା ୩୨ ଜଣ ବାଳିକା ଯେଉଁ କାମକୁ କରିପାରନ୍ତି ୧୮ ଜଣ ବାଳକ ସହ କେତେ ଜଣ ବାଳିକା ମିଶିଲେ ସେହି କାମକୁ କରିପାରିବେ ? ଉ: __________

୭. ୨.୧୨୫କୁ ସାଧାରଣ ଭଗ୍ନାଂଶରେ ପ୍ରକାଶ କର । ଉ: __________

୮. $୧୮୦ - ୫୩\frac{୪୭}{୫୦} =$ କେତେ ? ଉ: __________

୯. $୯୯\frac{୯୮}{୯୯} \times ୯୯ =$ କେତେ ? ଉ: __________

୧୦. ୧ କୁଇଣ୍ଟାଲ ଆଳୁର ଦାମ୍ ୧୯୮୦ ଟଙ୍କା ହେଲେ ୧୦ କି.ଗ୍ରା. ଆଳୁର ଦାମ୍ କେତେ ? ଉ: __________

https://ssvmkalamachhuin.in/



୧୧. ୩.୭୫କୁ କେଉଁ କ୍ଷୁଦ୍ରତମ ପୂର୍ଣ୍ଣ ଗଣନ ସଂଖ୍ୟା ଦ୍ୱାରା ଗୁଣନ କଲେ ଗୁଣଫଳ ଏକ ନିମ୍ନତମ ଗଣନ ସଂଖ୍ୟା ହେବ ?

**ଉ:** ____________________

୧୨. ଗୋଟିଏ କୋଣର ପରିପୂରକ କୋଣ, ଅନୁପୂରକ କୋଣର ୪ ଗୁଣ । ଉକ୍ତ କୋଣର ପରିମାଣ କେତେ ?

**ଉ:** ____________________

୧୩. ଗୋଟିଏ ତ୍ରିଭୁଜାକାର କ୍ଷେତ୍ରର କୋଣମାନଙ୍କର ସମଷ୍ଟି ୨ସମକୋଣ । ପଞ୍ଚଭୁଜାକାର କ୍ଷେତ୍ରର କୋଣମାନଙ୍କର ସମଷ୍ଟି କେତେ ?

**ଉ:** ____________________

୧୪. ୧୦ ଜଣ ଲୋକ ୧୫ ଦିନରେ ୪୫୦ଟି ଗାମୁଛା ତିଆରି କରନ୍ତି । ସେହିପରି ୫ ଜଣ ଲୋକ ୩ ଦିନରେ କେତୋଟି ଗାମୁଛା ତିଆରି କରିବେ ? **ଉ:** ____________________

୧୫. ଜଣେ ବ୍ୟକ୍ତି ସ୍ଥିରଜଳରେ ୧ ମିନିଟ୍‌ରେ ୪୦ ମିଟର ପହଁରିପାରେ, ମାତ୍ର ସେ ନଦୀର ଅନୁକୂଳ ଗତିରେ ୧ ମିନିଟ୍‌ରେ ୫୦ ମିଟର ପହଁରିପାରେ । ତେବେ ସେ ନଦୀର ପ୍ରତିକୂଳ ଗତିରେ ୬୦ ମିଟରକୁ କେତେ ସମୟରେ ପହଁରି ପାରିବ ? **ଉ:** ____________________

୧୬. ୧୯ ଜଣ ବାଳକ ଓ ବାଳିକା ମିଶି ୭୧ଟି ଚମ୍ପାଫୁଲ ତୋଳିଲେ । ପ୍ରତି ବାଳକ ୩ଟି ଓ ପ୍ରତି ବାଳିକା ୫ଟି ଫୁଲ ତୋଳିଥିଲେ, ମୋଟ ବାଳକ ସଂଖ୍ୟା କେତେ ? **ଉ:** ______________, ______________

୧୭. କେଉଁ ବୃହତ୍ତମ ସଂଖ୍ୟାରେ ୩ ଯୋଗକଲେ ଯୋଗଫଳ ଦ୍ୱାରା ୧୦୫ ଓ ୧୩୫ ସଂପୂର୍ଣ୍ଣ ରୂପେ ବିଭାଜ୍ୟ ହୁଏ ?

**ଉ:** ____________________

୧୮. $\frac{୩୬}{୩୭}$ ଓ $\frac{୩୭}{୩୮}$ ମଧ୍ୟରେ କେଉଁ ଭଗ୍ନାଂଶଟି ବଡ଼ ? **ଉ:** ____________________

୧୯. ୩୭୪ଟି ଗୋଲାପଫୁଲକୁ ୨ଟି ପିଲାଙ୍କ ମଧ୍ୟରେ ସର୍ବାଧିକ କେତେ ପ୍ରକାରରେ ବଣ୍ଟାଯାଇ ପାରିବ ? **ଉ:** ____________________

୨୦. ୩୨୦କୁ ଏପରି ଦୁଇ ଭାଗ କର ଯେ ଗୋଟିଏ ଭାଗରେ ୩୦ ଯୋଗକଲେ ଯେତେ, ଅନ୍ୟ ଭାଗରୁ ୫୦ ବିୟୋଗକଲେ ସେତେ । ବଡ଼ ଭାଗରେ କେତେ ରହିବ ? **ଉ:** ____________________

୨୧. କେଉଁ କ୍ଷୁଦ୍ରତମ ସଂଖ୍ୟାକୁ ୫ ଓ ୬ ଦ୍ୱାରା ଭାଗକଲେ ଭାଗଶେଷ ପ୍ରତ୍ୟେକ ସ୍ଥଳରେ ୧ ରହିବ ମାତ୍ର ୭ ବା ୧୩ ଦ୍ୱାରା ଭାଗକଲେ ଭାଗଶେଷ '୦' ରହିବ ? **ଉ:** ____________________

୨୨. ଗୀତା ଟଙ୍କାର $\frac{୨}{୩}$ ଯେତେ ସଙ୍ଗୀତା ଟଙ୍କାର $\frac{୩}{୪}$ ସେତେ । ଦୁହିଁଙ୍କର ଟଙ୍କା ମିଶି ୩୪୦ ଟଙ୍କା ହେଲେ ଗୀତାର ଟଙ୍କା କେତେ ?

**ଉ:** ____________________

୨୩. (୩.୫ x ୩.୫-୨.୫x୨.୫) ÷ (୩.୫-୨.୫)= ? **ଉ:** ____________________

୨୪. ୦.୫ ଓ ୦.୫% ମଧ୍ୟରେ ପ୍ରଭେଦ କେତେ ? **ଉ:** ____________________

୨୫. ୯୮୮୧÷୯୭ = କେତେ ? (ବୈଦିକ ପ୍ରଣାଳୀ)

●●●